ଫୁଲକୋବି, ବିନ୍ସ ଭଜା ଖାଇବା ହେଲା କାଳ

# ବିଷାକ୍ତ ଖାଦ୍ୟ ଖାଇ ଭାଇ-ଭଉଣୀ ଆରପାରିରେ, ମା' ଗୁରୁତର

**ଚିରଞ୍ଜିତ ରାଜଗୁରୁ, ବ୍ରହ୍ମପୁର, ୬।୧୨ :**

ବିନ୍ସ, ଆଳୁ ଓ ଫୁଲକୋବି ଭଜା ଖାଇ ରମ୍ଭା ଅଞ୍ଚଳର ଗୋଟିଏ ପରିବାରର ଭାଇ-ଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତେବେ ସେହି ଏକା ଖାଦ୍ୟ ଖାଇ ପରିବାରର ମୁଖ୍ୟଙ୍କର କିଛି ହୋଇ ନ ଥିବା ମଧ୍ୟ ଘଟଣା ସଂପର୍କରେ ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି। ମଙ୍ଗଳବାର ରାତିରେ ରମ୍ଭା ପାନ୍ଥନିବାସ ସାହିର ବାନାମ୍ବରଙ୍କ ପରିବାର ରାତ୍ରି ଭୋଜନ କରିଥିଲେ। ବାନାମ୍ବର ଖାଇବାର କିଛି ସମୟ ପରେ ତାଙ୍କ ପତ୍ନୀ କୁମାରୀ ପ୍ରଧାନ, ପୁଅ ସୋମ୍ୟ ପ୍ରଧାନ ଏବଂ ଝିଅ କମଳିନୀ ପ୍ରଧାନ ଏକାଠି ଫୁଲକୋବି, ବିନ୍ସ ଭଜା ଖାଇଥିଲେ । ଖାଇବା ପରେ କଥାବାର୍ତ୍ତା ହୋଇ ଶୋଇବାର ମାତ୍ର କିଛି ସମୟ ମଧ୍ୟରେ ଏହି ୩ ଜଣଙ୍କର ବାନ୍ତି ହୋଇଥିଲା। ସାହି ପଡ଼ିଶା ମିଶି ଏମାନଙ୍କୁ ପ୍ରଥମେ ରମ୍ଭା ମେଡିକାଲ, ପରେ ଛତ୍ରପୁର ଏବଂ ଶେଷରେ ବ୍ରହ୍ମପୁର ସ୍ଥାନାନ୍ତରିତ କରିଥିଲେ। ହେଲେ ଛତ୍ରପୁର ମେଡିକାଲରେ ହିଁ ଆଖି ବୁଜିଦେଲେ ଝିଅ କମଳିନୀ । ପରେ ପୁଅ ଏବଂ ମା'ଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଣାଯାଇଥିଲା । ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବେଳେ ଆଜି ଅପରାହ୍ନ ୪ଟା ବେଳେ ପୁଅ ସୌମ୍ୟରଞ୍ଜନଙ୍କର ମୃତ୍ୟୁ ଘଟିଛି। ମା' କୁମାରୀ ଏବେ ମଧ୍ୟ ଗୁରୁତର ଅଛନ୍ତି। ଡାକ୍ତରଙ୍କ ଏକ ଟିମ କୁମାରୀଙ୍କ ଉପରେ ନଜର ରଖିଥିବା ଜଣାପଡ଼ିଛି। ମାସକ ପୂର୍ବରୁ କମଳିନୀଙ୍କ ନିର୍ବନ୍ଧ ସରିଥିଲା। ଆଉ ୩ମାସ ପରେ ତାଙ୍କର ବିବାହ ସମ୍ପନ୍ନ ହୋଇଥାନ୍ତା । ପରିବାର ମୁଖ୍ୟ ବାନାମ୍ବର ପ୍ରଧାନ ବିଏସ୍ଏନ୍ଏଲ୍‌ରେ ଚାକିରି କରନ୍ତି। ଗତକାଲି ସେ ବଜାରରୁ ପରିବା କିଣି ଘରକୁ ନେଇଥିଲେ ଏବଂ ବାନାମ୍ବରଙ୍କ କହିବାନୁଯାୟୀ ଘରେ ରୁଟି ଏବଂ ଫୁଲକୋବି, ବିନ୍ସ ଆଳୁ ଭଜା ହୋଇଥିଲା। ଖାଦ୍ୟ ରାନ୍ଧିବା ବେଳେ କଡ଼େଇରେ ଝିଟିପିଟି ପଡ଼ି ଭାଜି ହୋଇଯାଇଥିବା ନେଇ ସ୍ଥାନୀୟ ଲୋକେ ଓ ବନ୍ଧୁବାନ୍ଧବ ସନ୍ଦେହ କରୁଛନ୍ତି ।



ମୃତ ଭାଇ-ଭଉଣୀ

ତେବେ ବର୍ତ୍ତମାନ ଯାଏ ବିଷ ପ୍ରକ୍ରିୟାର କାରଣ ଜଣାପଡ଼ିନାହିଁ । ଘର ମଧ୍ୟରେ କୌଣସି କାରଣକୁ ନେଇ କିଛି ବିବାଦ ଥିଲା କି ନାହିଁ କିମ୍ବା କେହି ତରକାରୀରେ କିଛି ମିଶାଇଥିଲେ କି- ଏହିସବୁ ଦିଗକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।